ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଆଦିବାସୀ ମେଳା-୨୦୨୦ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୩୦/୦୧/୨୦୨୦

ବାର୍ଷିକ ଆଦିବାସୀ ମେଳାର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାକୁ ଅଧିକ ବ୍ୟାପକ ଓ ସୁବ୍ୟବସ୍ଥିତ କରିବା ନିମନ୍ତେ ଆଜି ସ୍ଥାନୀୟ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧ସ୍ଥିତ ଓ.ଟି.ଡି.ସି ସମ୍ମିଳନୀ କକ୍ଷରେ ଆଦିବାସୀ ମେଳା-୨୦୨୦ ଆୟୋଜନ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବାର୍ଷିକ ଆଦିବାସୀ ମେଳା ସହିତ ସଂପୃକ୍ତ ସମସ୍ତ ବିଭାଗଗୁଡ଼ିକର ସମନ୍ୱୟରେ ମେଳା କିପରି ସୁଚାରୁ ରୂପେ ଅନୁଷ୍ଠିତ ହେବ ସେ ସଂପର୍କରେ ଶ୍ରୀମତୀ ଚୋପ୍ରା ଗୁରୁତ୍ୱାରୋପ କରିଥିଲେ । ଏସ୍.ସିଏସ୍.ଟି.ଆର୍.ଟି.ଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ମେଳା ସହିତ ସଂପୃକ୍ତ ସମସ୍ତ ବିଭାଗର ସମନ୍ୱୟ, ପ୍ରସ୍ତୁତି ଓ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ ।

ବାର୍ଷିକ ଆଦିବାସୀ ମେଳା ୨୦୨୦ ଜାନୁଆରୀ ୨୬ ତାରିଖରୁ ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ୩ ନମ୍ବରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବ । ମେଳା ନିମନ୍ତେ ଏ.ଟି.ଏଲ୍.ସି ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ । ଜାନୁଆରୀ ୨୬ ତାରିଖ ଦିନ ସନ୍ଧ୍ୟାରେ ଉଦ୍‌ଘାଟିତ ହେବାକୁ ଥିବା ଆଦିବାସୀ ମେଳାରେ ଆଠଟି ବିଭାଗ ରହିବ । ମେଳାରେ ପ୍ରବଳ ଜନଗହଳି ହେତୁ ସୁବ୍ୟବସ୍ଥିତ ଯାନବାହନ ଚଳାଚଳ, ମେଳା ପରିସରରେ ଅଗ୍ନି ନିରାପତ୍ତା, ମେଳାକୁ ପ୍ଲାଷ୍ଟିକ୍‌ମୁକ୍ତ, ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ଆଦି ବିଷୟରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଜି ଆଲୋଚନା କରାଯାଇଥିଲା ।

ଏହି ପ୍ରସ୍ତୁତି ବୈଠକରେ ଫାୟାର ସର୍ଭିସ୍ କମିଶନର ଅଫ୍ ପୋଲିସ୍, ବିଏମ୍‌ସି, କଲେକ୍ଟର ଖୋର୍ଦ୍ଧା, କୃଷି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଦ୍ୟାନକୃଷି, ପର୍ଯ୍ୟଟନ, ମୃତ୍ତିକା ସଂରକ୍ଷଣ, ହସ୍ତଶିଳ୍ପ, କୁଟୀରଶିଳ୍ପ, ଆୟୁଷ୍, ଶିଳ୍ପ, ସୂଚନା ଓ ଲୋକସଂପର୍କ, ଦୂରଦର୍ଶନ, ଟି.ଡି.ସି.ସି.ଓ.ଏଲ୍, ଓ.ପି.ଇଏଲ୍.ଆଇ.ପି, ଓ.ଏସ୍.ଏଫ.ଡି.ସି, ମହିଳା ବିକାଶ ସମବାୟ ନିଗମ, ଚିଫ୍ କନ୍‌ଜରଭେସନ୍ ଅଫ୍ ଫରେଷ୍ଟ, ଚିଫ୍ ଇଲେକ୍‌ଟ୍ରିକାଲ୍ ଇନିସ୍‌ପେକ୍ଟର ଭୁବନେଶ୍ୱର, ବିସିଡିଡ଼ି(୧), ଭୁବନେଶ୍ୱର, ସେସୁ/ପିଏଚ୍‌ଡି ଡିଭିଜନ୍, ସିଡିଏମ୍‌ଓ, ଖୋର୍ଦ୍ଧା, ଏସିପି ଟ୍ରାଫିକ୍, ସିଟି ହେଲଥ୍ ଅଫିସ୍, ବିଏମ୍‌ସି ଆଦି ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ